ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର

ମଧ୍ୟ-କାର୍ତ୍ତିକର ଗୋଟିଏ ଶୀତ-ନୀରବ ସନ୍ଧ୍ୟା । ପୃଥିବୀ ବୁକୁରେ ବିସ୍ତୀର୍ଣ୍ଣ ଗାଲିଚା ପରି ପଡ଼ିରହିଛି ସବୁଜ ନିର୍ଜନ ପ୍ରାନ୍ତର-ଅତି ନିର୍ଜନ ଅଥଚ ପ୍ରାଣବାନ୍ । ପ୍ରାନ୍ତରର ପଶ୍ଚିମ ଉପକଣ୍ଠରୁ ଏବେ ମଧ୍ୟ ସୂର୍ଯ୍ୟର ଶେଷରାଗ ଲିଭିଯାଇ ନାହିଁ ସଂପୂର୍ଣ୍ଣ । ସେହି କ୍ରମମ୍ଳାନବତୀ ସନ୍ଧ୍ୟାରେ ନିଜର ଆସ୍ତରଣ ଛାଡ଼ି ମୁଣ୍ଡ ଟେକିଲା କୃଷ୍ଣସାରଟିଏ । ମୁହୂର୍ତ୍ତେ କୃଷ୍ଣସାରର ଲୋମ କୂପେ କୂପେ ଛାଇଗଲା ସୁବର୍ଣ୍ଣ-ତା’ ପରେ ଗଲା ଲିଭି ।

କୃଷ୍ଣସାର-ସବଳ, ସଜୀବ କୃଷ୍ଣସାର! ଅଂଗେ ଅଂଗେ ତା’ର ଆଦ୍ୟ ଯୌବନର ନୂତନ ଆଗମନୀ; ଅଥଚ କିପରି ନିଷ୍ପ୍ରଭ, ମ୍ଳାନ ଆଉ ଭଗ୍ନ ମନୋରଥ ।

କୃଷ୍ଣସାର ମୁଖ ଫେରାଇଲା ପୂର୍ବ ନଭକୁ, ଯେପରି କାହାର ପ୍ରତୀକ୍ଷାରେ- କେହି ନାହିଁ । କୃଷ୍ଣସାରର ଯୂଥ ଏବେ ମଧ୍ୟ ଆସି ନାହିଁ ଶସ୍ୟ ଆହରଣ ପାଇଁ । ତଥାପି ଅନେକ ଡେରି ।

ସୂର୍ଯ୍ୟ ଗଲାଣି ଲିଭି ପ୍ରାୟ । ଅଥଚ ଆଜିର ଏ ଚନ୍ଦ୍ରୋଦୟ ବିଳମ୍ବିତ କାହିଁକି ? ଶିଶିର ପଡ଼ି ଆସିଲାଣି । ଘାସରେ ପାଦ ପକାଇ ଚାଲିଲେ ଏଇ ମୁହୂର୍ତ୍ତଟା ଅତି କରୁଣ ମନେହୁଏ । ଓଃ! ଅତି କରୁଣ-ଯେପରି ସମଗ୍ର ପୃଥିବୀ ନୀରବରେ ବିଳାପ କରିଉଠୁଛି । ଶିଶିରସିକ୍ତ ଏ ସର୍ବଂସହା ଧରଣୀ-ଦିଗନ୍ତ ଘେରି ନୀରବତାର ହାହାକାର-ସୂର୍ଯ୍ୟର ସତ୍ତା ଲୁପ୍ତପ୍ରାୟ, ଅଥଚ ତ୍ରୟୋଦଶୀ ଶଶୀ ଅନାଗତ । ଅତି କରୁଣ ଏ ମୁହୂର୍ତ୍ତ-ଅତି ପୀଡ଼ିତ କରେ ଏ ମୌନବତୀ ଭୀରୁ ସନ୍ଧ୍ୟା । ଠିକ୍ ଏଇ ମୁହୂର୍ତ୍ତରେ ଚକ୍ରବାକର ଛାତି ଫାଟେ ।

ଉପରକୁ ଦୃଷ୍ଟିକ୍ଷେପ କଲା କୃଷ୍ଣସାର-ଈଗଲ ଆସ୍ତେ ଆସ୍ତେ ଚକାଭଉଁରୀ ଖେଳି ଆସୁଛି ତଳକୁ; ନିହାତି ପାଖରେ । ଏଇ ଈଗଲ-ବୃହତ୍, ଅଥଚ ସୁନ୍ଦର । ଆକାଶର ଧାରେ ଧାରେ ଉଡ଼ିବୁଲେ ଏଇ ଈଗଲ-ଆଉ ଶିକାର କରେ । କୃଷ୍ଣସାର ଏଇ ମାଟିର ଧରଣୀରୁ ସବୁ ସମୟରେ ଲକ୍ଷ୍ୟ କରିଛି ଈଗଲକୁ ଅନେକ ଦିନ ଧରି । ଆଃ-ଈଗଲ କି ସୁନ୍ଦର! ଦୁଇଟା ମୁକ୍ତ ପକ୍ଷାଘାତରେ ସେ ପବନ ପହଁରି ଯାଏ ଅନାୟାସରେ ।

ଈଗଲ ଯେପରି ଝଂଜାର ଅଗ୍ରଦୂତ ! ସକାଳ ଆଉ ସନ୍ଧ୍ୟା ସେ ବୁଲେ, ଆଉ ବୁଲେ । ଈଗଲ ମଧ୍ୟ ଅନେକ ଦିନ ଧରି ଲକ୍ଷ୍ୟ କରେ ମାଟିର ଏଇ କୃଷ୍ଣସାରକୁ । ଅତି ସୁନ୍ଦର ଏଇ ଦୀର୍ଘକାୟ କୃଷ୍ଣସାର-କି ଚଞ୍ଚଳ ! ଘୂର୍ଣ୍ଣିବେଗରେ ସେ ଛୁଟିପାରେ ନିଜକୁ ପୃଥିବୀର ଶ୍ୟାମଳିମା ସହିତ ଏକାକାର କରିଦେଇ । କି ସୁନ୍ଦର କୃଷ୍ଣସାର ଆକର୍ଣ୍ଣ ଲମ୍ବିତ ଦୁଇଟି ଲୋଚନ! କି ଭୟଙ୍କର ତା’ର ମୋଟା ମୋଟା ଶିଙ୍ଗଗୁଡ଼ାକ!

ପୁରୁଷର କି ସୌଷ୍ଠବ-ଅଥଚ କେତେ ନିରୀହ, କେତେ ଶାନ୍ତ ସେ । ମର୍ମସ୍ପର୍ଶୀ ତା' ର ନୀରବ କରୁଣ ପ୍ରତୀକ୍ଷା !

ଏଇ-ଈଗଲ ଆସିଗଲା ଖୁବ୍ ନିକଟକୁ । ସିଧା ଆସି ସେ ବସିପଡ଼ିଲା କୃଷ୍ଣସାର ପାଖରେ । କୃଷ୍ଣସାର ମଧ୍ୟ ଅଭିନନ୍ଦନ ଜଣାଇଲା । ତା' ପରେ ହଠାତ୍ କୃଷ୍ଣସାର ଛଳନା କରି ପଚାରେ-

"ତୁମେ ଏ ଧରଣୀରେ ଈଗଲ ?"

ଈଗଲ କହେ, "ନା-ଅତି କ୍ଳାନ୍ତ ଲାଗିଲା ଏ ଉଡ଼ି ବୁଲିବା-ତା' ଛଡ଼ା ମୋର ଗୋଟାଏ ଡେଣା ଜଖମ ହୋଇଯାଇଛି ଝଡ଼ରେ ।"

କୃଷ୍ଣସାର ଭାବପ୍ରବଣ ହୋଇଉଠେ- "ସତରେ ଈଗଲ, ତୁମେ ଏ ପୃଥିବୀକୁ ଆସିଛ- ଓଃ ! ଏତେ ଦିନର ପ୍ରତୀକ୍ଷା-ମୁଁ ଭାରି ଭଲପାଏ ତୁମକୁ ।"

"କୃଷ୍ଣସାର ! ମୁଁ ବି...ଅତି କ୍ଳାନ୍ତ ମୁଁ ।"

ଈଗଲ ଅତି ଅସ୍ଫୁଟ ଭାବରେ ପ୍ରକାଶ କରେ ନିଜକୁ; ଆଉ ଆସ୍ତେ ଆସ୍ତେ ଦୁଇଟି କ୍ଷୁଦ୍ର ପାଦରେ ଲମ୍ଫଦେଇ କୃଷ୍ଣସାର ଦେହକୁ ଆଉଜି ଆସେ ।

କରୁଣ ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯାଇଛି । ଆକାଶରେ ଅନେକ ଦୂର ଉଠି ଆସିଛି ଚନ୍ଦ୍ର ।

ତରଳ ରୂପାରେ ଧୋଇ ହୋଇ ଯାଉଛି ଈଗଲର କୋମଳ ଶରୀର, ଆଉ କୃଷ୍ଣସାରର ଦେହେ ଦେହେ ଖାଲି ରୁପା-ଆଉ ରୁପା !

ଦୁହିଙ୍କ ଆଖିରେ ନୀରବ ଅଶ୍ରୁ; କିନ୍ତୁ କାହିଁକି ଏ ଅହେତୁକୀ ଅଶ୍ରୁର ଦରଦୀ ପ୍ଲାବନ ?

କୃଷ୍ଣସାର ତା' ର ଈଷତ୍-ଦୀର୍ଘ ମୁହଁଟି ନେଇ ଆସ୍ତେ ଈଗଲର କୋମଳ ପର ଉପରେ ରଖେ, ଆଉ କହେ- "ତୁମେ ଅତି କୋମଳ ଈଗଲ ! ଇସ୍ ଝଡ଼ର ପକ୍ଷୀ, ଅଥଚ ଏତେ କୋମଳ !"

ଈଗଲ ତୃପ୍ତିରେ ଚକ୍ଷୁ-ତାରକା ଦୁଇଟି ମୁଦ୍ରିତ କରି ଆଣେ କେବଳ । କିଛିଦିନ ବିତିଯାଏ ।

କୃଷ୍ଣସାର ପଚାରେ, "ତୁମେ ଆଗରୁ କେବେ ପୃଥିବୀକୁ ଆସିଥିଲ ?" ଈଗଲ କହେ- "ଅନେକ ଥର ଆସିଛି, ଅନେକ ଥର । ଶିକାର କରିବା ପ୍ରବୃତ୍ତିଟା ଯେପରି ମୋର ନିହାତି ରକ୍ତଗତ । ଆକାଶରେ ଉଡୁ ଉଡୁ ଯେତେବେଳେ ଦେଖେ, ନିରୀହ ମେଷଯୂଥ ତୃଣ ସନ୍ଧାନରେ ବାହାରନ୍ତି, ଆନନ୍ଦରେ ନାଚି ଉଠେ ମୁଁ ।

ତା' ପରେ ନିହାତି ଗୋଟାଏ ହିଂସ୍ର ଆନନ୍ଦରେ ଘୂରି ଘୂରି ମୁଁ ଓହ୍ଲେଇ ଆସେ ପୃଥିବୀ ଉପରକୁ । ଆଉ ଏ ନଖ ଦେଖୁଛ କେତେ ତୀକ୍ଷ୍ଣ, ଆଉ ଶିକାରୀ ନଖ । ଏଇ ନଖରେ ଅନେକ- ଅନେକ କୋମଳ ମେଷଶିଶୁ ମୁଁ ଝାମ୍ପି ନେଇ ଉଡ଼ିଯାଇଛି ଉପରକୁ । ସେଇ ପାହାଡ଼-" ଈଗଲ ଆଉ କହିପାରିଲା ନାହିଁ - କେବଳ ଆଖି ଦୁଇଟାକୁ ଧୀରେ ଧୀରେ ଛୋଟ କରି ଆଣି ଅନେଇ ରହିଲା ସେହି ପାହାଡ଼ ଚୂଡ଼ାକୁ-ତୁଙ୍ଗ ଗିରିଚୂଡ଼ା । ତା' ଉପରେ ନୀଳ ଆକାଶର ଧୂସର ବାଦଲ ଲହଡ଼ା ମାରୁଛି- କୃଷ୍ଣସାର ବି ଅନେଇ ରହେ ସ୍ଥିର ଦୃଷ୍ଟିରେ ।

କିଛି ସମୟ ପରେ କୃଷ୍ଣସାର ପ୍ରକୃତିସ୍ଥ ହୋଇ ପଚାରେ, "ତା' ପରେ ? ତା' ପରେ !" ଈଗଲ ପ୍ରକୃତିସ୍ଥ ହୁଏ ।

"ତା' ପରେ ମୁଁ ସେହି ନିର୍ବୋଧ ନିରୀହ ମେଷଶିଶୁକୁ ନେଇ ଉଡ଼ିଯାଏ ସେହି ପାହାଡ଼ର ଚୂଡ଼ାକୁ । ଏହି ନଖରେ ସେମାନଙ୍କର ଛାତି ଚିରେ । ସେମାନଙ୍କର ଉଷ୍ଣ ରକ୍ତ ସ୍ରୋତରେ ନିଜର ଥଣ୍ଟ ବୁଡ଼େଇ ଦେଇ ଆକଣ୍ଠ ପାନ କରେ । ଭାରି ଭଲ ଲାଗେ ସେମାନଙ୍କର ଲୁଣି ଲହୁ । ବଡ଼ ତୃପ୍ତି ଦିଏ ସେମାନଙ୍କର ନରମ ମାଂସ ।"

ଉତ୍ତେଜିତ ହୋଇ ଉଠେ ଈଗଲ । କିପରି ହିଂସ୍ର ଆନନ୍ଦରେ ତାର ପରଗୁଡ଼ାକ ଫୁଲି ଉଠନ୍ତି ଭୟାନକ ଭାବରେ । ବିସ୍ଫାରିତ ଆଖି ଦୁଇଟାରେ ସେ ଚାହିଁରହେ କେବଳ ।

ଅଥଚ ନିରୀହ କୃଷ୍ଣସାର ଆଶ୍ୱସ୍ତିର ନିଃଶ୍ୱାସ ନିଏ । ଯେପରି ସେ ଅନୁଭବ କରିପାରୁ ନାହିଁ- ସମର୍ଥନ କରିପାରୁ ନାହିଁ ଏ ହିଂସ୍ର ଆନନ୍ଦ । ତଳକୁ ଅନାଏ । ତଳେ ସବୁଜ ତୃଣର ମଦୁଆ ଗନ୍ଧ । ମାଟିର ମାତାଲ ନିଶା –

ଏଇ ପୃଥିବୀ- ଓଃ ! କୃଷ୍ଣସାର ଏତେ ଭଲପାଏ ଏଇ ପୃଥିବୀକୁ !

କୃଷ୍ଣସାର ହସେ - ଛଳନା କରେ । "ତାହା ହେଲେ ଏଥର ମତେ ବୋଧହୁଏ ଶିକାର କରିବାକୁ ଆସିଥିଲ ତମେ ?"

ଦୁଃଖ କରେ ଈଗଲ । ତା' ଆଖିରେ ଜମିଆସେ ବିନ୍ଦୁ ବିନ୍ଦୁ ଅଶ୍ରୁ । "ଛିଃ, କୃଷ୍ଣସାର- ଏତେ ଅମଙ୍ଗଳ କଥା କହିବନି ଆଉ କେବେ- ମୁଁ ତୁମକୁ ଭଲପାଏ - ମୁଁ ତୁମ ପାଖକୁ ଆସିଥିଲି ଆତ୍ମନିବେଦିତା - ଠିକ୍ ଝଡ଼ରେ ଆହତ ଭୀରୁ କପୋତୀ ପରି । ତା' ଛଡ଼ା କୃଷ୍ଣସାର ! ତୁମେ କେଡ଼େ ସୁନ୍ଦର - କେତେ ଶକ୍ତ ତୁମର ମାଂସପେଶୀ - କି କ୍ଷିପ୍ର ତୁମର ଗତି-ଆଉ କି ଚଞ୍ଚଳ ତୁମର ଦୁଇଟା ଚପଳ ଚତୁର ନୟନ ! ତୁମର ଶିକାର-ମୋର କ୍ଷମତା କାହିଁକି, କଳ୍ପନାର ବି ବାହାରେ । ମୁଁ ତୁମ ପାଖରେ ପରାଜିତା ।"

କୃଷ୍ଣସାର ତା' ର ନରମ ମୁହଁରେ ଈଗଲର ଲୁହ ପୋଛିଦିଏ । ଏକା ସାଙ୍ଗରେ ରହନ୍ତି ଈଗଲ ଓ କୃଷ୍ଣସାର ।

ସ୍ନେହର ପୀଡ଼ାରେ ପରସ୍ପର ନିକଟରୁ ନିକଟତର ହୋଇ ଆସନ୍ତି । କୃଷ୍ଣସାର ଆଉଁଷି ଦିଏ ଈଗଲର କୋମଳ ପର- ଆଉ ଈଗଲ ଫୁଲି ଫୁଲି କାନ୍ଦେ କେବଳ କୃଷ୍ଣସାରର ଏ ଅନନ୍ଭୂତି ସ୍ନେହରେ । ଈଗଲ କେବଳ ମର୍ମେ ମର୍ମେ ଅନୁଭବ କରେ ଏ ନିବିଡ଼ ସାନ୍ଦ୍ର ସ୍ନେହ । ଲୋମ କୂପେ କୂପେ ସେ ରୋମାଞ୍ଚ ପାଏ ।

କେବେ କେଉଁ କରୁଣ ଅପରାହ୍ଣରେ କୃଷ୍ଣସାର କହେ-

"ଈଗଲ, ତୁମେ ସହି ପାରିବନି ମୋର ଏ ସ୍ନେହ ।"

ଈଗଲ ନୀରବ ରହେ- ଆଖିରେ ସେହି ଅହେତୁକୀ ଅଶ୍ରୁ ।

ଈଗଲର ଯୂଥ ଆସି ଆକାଶ ଛାଇ ଦିଅନ୍ତି ଝଡ଼ର ପାଞ୍ଚଜନ୍ୟ- ନିନାଦ କରି । ଆପେ ଆପେ ହସନ୍ତି, ଆଉ ବିଦ୍ରୂପ କରନ୍ତି ଧରଣୀର ଈଗଲକୁ । କୁହନ୍ତି, "ଆଶ୍ଚର୍ଯ୍ୟ-ଝଡ଼ର ଈଗଲ ପୁଣି ଯାଇ ପୃଥିବୀର କୃଷ୍ଣସାରର ଭୁଜବଲ୍ଲରୀ ଭିତରେ ! ହାୟ ! ମାଂସାଶୀ ଈଗଲ ପୁଣି ଯାଇ କୃଷ୍ଣସାର ସହିତ ତୃଣଭୁକ୍ ।"

ବିଦ୍ରୂପର ଶ୍ଲେଷ ଅତୀତ ହୋଇଯାଏ ।

ନାଚି ନାଚି ଆସନ୍ତି ଶସ୍ୟ କାଙ୍ଗାଳ କୃଷ୍ଣସାରର ଯୂଥ ସବୁଜ ପୃଥିବୀ ଉପରେ । ବିଦ୍ରୂପ କରନ୍ତି କୃଷ୍ଣସାରକୁ । ବେଳେ ବେଳେ ସହାନୁଭୂତିର ସ୍ୱରରେ କହନ୍ତି - "ହାୟ କୃଷ୍ଣସାର ! ଅକୁଣ୍ଠ ଚିତ୍ତରେ ଢାଳି ଦେଉଛ ତୁମର ଭଲ ପାଇବା-ନିଃଶେଷ କରି ଦେଉଛ ତୁମର ଶକ୍ତି-ତୁମର ପ୍ରତିଭା-ତୁମର ଯୌବନ ଗୋଟାଏ ମଶାଣି ଆଲୁଅ ପଛରେ । ଆହତ ସେ ଝଡ଼ର ଈଗଲ-ପୃଥିବୀରେ ଓହ୍ଲେଇଛି-ପୁଣି ଯିବ ଉଡ଼ି- ଶିକାରୀ ଈଗଲ-ଝଡ଼ର ଈଗଲ ।"

ଏ ବିଦ୍ରୂପ ବିନ୍ଧେ ଦୁହିଁଙ୍କୁ-ଆହତ ହୁଅନ୍ତି ଉଭୟେ । କୃଷ୍ଣସାର କୁହେ, "ନାଁ ଈଗଲ, ଶୁଣ ନାହିଁ ଏମାନଙ୍କର କଥା-ଏମାନେ ଭ୍ରାନ୍ତ, ଏମାନେ ଆମର ଶତ୍ରୁ- ଏମାନେ ଈର୍ଷା କରନ୍ତି ଆମର ଏଇ ଭଲ ପାଇବାକୁ । ସମ୍ଭବ-ଆକାଶର ଈଗଲ ଓ ଧରଣୀର କୃଷ୍ଣସାର ମଧ୍ୟରେ ଭଲପାଇବା । ସମ୍ଭବ-ନିଶ୍ଚୟ ସମ୍ଭବ ।"

ତ୍ରସ୍ତ ଈଗଲ ଆଉଜି ଆସେ କୃଷ୍ଣସାର ପଶମ କଅଁଳ ଦେହକୁ ଆଉ ଆସ୍ତେ କୁହେ, "ହଁ ସମ୍ଭବ- କୃଷ୍ଣସାର !"

ଦିନ ବିତିଯାଏ ।

ଅନେକ ଦିନ ।

ଈଗଲକୁ ଆଉ ଭଲ ଲାଗେ ନାହିଁ ଏ ପୃଥିବୀ ।

ସେ କୃଷ୍ଣସାର ପରି ଶୁଣିପାରେ ନାହିଁ ପୃଥିବୀର ସଙ୍ଗୀତ । ସେ ତୃପ୍ତି ପାଇପାରେ ନାହିଁ ତୃଣ ଭୋଜନ କରି । ଶିକାର କରିବା ପ୍ରବୃତ୍ତିଟା ଯେପରି ତା’ ଭିତରେ ଚେଇଁ ଉଠେ ବାରମ୍ବାର । ଇସ୍ ! ଯଦି ସେ ଥରେ ପାରନ୍ତା ଶିକାର କରି ଏଇ କୃଷ୍ଣସାରକୁ । ହଉନା ବଳବାନ ଏ କୃଷ୍ଣସାର-ହଉନା ତା’ର ଅତି ପ୍ରିୟ-ତଥାପି ଯଦି ସେ ଥରେ ପାରନ୍ତା ! ଦିବାସ୍ୱପ୍ନ ଦେଖେ ଈଗଲ । ସେ ନିଜେ ତା’ର ଶାଣିତ ନଖଗୁଡ଼ାକରେ କୃଷ୍ଣସାରକୁ ଝାମ୍ପି ନେଇ ଚାଲିଯାଉଛି ସେଇ ପର୍ବତ ଚୂଡ଼ାକୁ- ଅତର୍କିତରେ ଛାତି ଚିରି ସେ ପିଇ ଚାଲିଛି ଉଷ୍ଣ ରକ୍ତପ୍ରବାହ । କି ତୃପ୍ତି ! ତା’ପରେ ନିରୀହ ମେଷଶିଶୁଙ୍କର କ୍ଷୁଦ୍ର ଉପେକ୍ଷିତ ଅସ୍ଥିମେଳରେ ମିଶି ଏକାକାର ହୋଇଯାଉଛି କୃଷ୍ଣସାରର ଅପେକ୍ଷାକୃତ ବୃହତ୍ତର ଅସ୍ଥି ରାଶି । ଇସ୍ ! ସେ କ’ଣ ଭାବୁଛି । ପୁଣି ଆଖିରେ ଭରି ଆସେ ଅଶ୍ରୁ । ଭୀଷଣ ଦ୍ୱନ୍ଦ୍ୱ । ସେ ଶିକାର ଚାହେଁ-ଅଥଚ କୃଷ୍ଣସାର ତା’ର ଅତି ପ୍ରିୟ ।

ଦିନେ ହଠାତ୍ ଈଗଲ କୁହେ, “କୃଷ୍ଣସାର ମତେ ଚାଲିବାକୁ ଖୁବ୍ କଷ୍ଟ ହେଲାଣି । ଦେଖୁ ନାହଁ ମୋର ଗୋଡ଼ଗୁଡ଼ାକ କେତେ ଶୀର୍ଣ୍ଣ । କିନ୍ତୁ ମୋର ଡେଣା ଖୁବ୍ ଶକ୍ତ ।”

କୃଷ୍ଣସାର ହସି ହସି କୁହେ, “ଭୟ କର ନାହିଁ ଈଗଲ! ମୋର ପିଠିରେ ବସ । ମୁଁ ତମକୁ ବହି ନେଇ ଯାଇପାରବି ଚିର ଜୀବନ । ମୁଁ ତମକୁ ନେଇ ଯାଇପାରିବି ଏଇ ମୋ’ର ଅତି ପ୍ରିୟ ଶିଳାରାଶି ଭିତରେ । ମୁଁ ତମକୁ ନେଇ ଡେଇଁ ଯାଇପାରିବି ଯେ କୌଣସି ପ୍ରଶସ୍ତ ଝରଣା ।”

ଘୃଣାରେ ଈଗଲର ନାସିକା କୁଞ୍ଚିତ ହୋଇ ଆସେ ।

ନାଁ ସେ କାହା ଉପରେ ନିର୍ଭର କରି ଚଳିପାରିବ ନାହିଁ- ସେ ବଞ୍ଚିପାରିବ ନାହିଁ ପରାଙ୍ଗପୁଷ୍ଟ ହୋଇ । ତା’କୁ ଉଡ଼ିଯିବାକୁଇ ହେବ । ସେ ଝଡ଼ର ଈଗଲ-ଶିକାରୀ ଈଗଲ । ଈଗଲ କୁହେ- “ଛିଃ! କ’ଣ କହିବେ ସମସ୍ତେ ? ତୁମର ପକ୍ଷ ନାହିଁ ମୁଁ ଜାଣେ; କିନ୍ତୁ ଯଦି ଉଡ଼ିବାକୁ ଚାହଁ, ଆସ ମୋର ମଧ୍ୟ ଅଛି ଅଶେଷ ଶକ୍ତି, ମୁଁ ତୁମକୁ ମୋର ପକ୍ଷରେ ନେଇଯିବି । ଉଡ଼ିବା ଆକାଶରେ । କି ସୁନ୍ଦର ସେଇ ସୁନୀଳ ଆକାଶ-ମିଶିଯିବା ଗୋଟିଏ ବିନ୍ଦୁ ହୋଇ । ତା’ପରେ ଆସିବ ଝଡ଼, ଆଉ ସେ ଝଡ଼ର ମଦ ପିଇବା ଉଭୟେ ।”

କୃଷ୍ଣସାର କୁହେ- "ନାଁ ଏଇ ଧରଣୀରେ ରହିବା ଈଗଲ । କି ସୁନ୍ଦର ଏଇ ସବୁଜ ଧରଣୀ-ମହୁଆ ଏ ମାଟିର ଗନ୍ଧ- ଏଇ ପାହାଡ଼ର ବିଚିତ୍ର ଶିଳାରାଶି- ସ୍ୱଚ୍ଛ ଝରଣାର ପାଣି- କି ଚମତ୍କାର ଏଇ ଧରଣୀର ସଙ୍ଗୀତ ।"

ହାୟ ! ଈଗଲ ସହିତ କୃଷ୍ଣସାର ଉଡ଼ିପାରେ ନାହିଁ ବା କୃଷ୍ଣସାର ସହିତ ଈଗଲ ଚାଲିପାରେ ନାହିଁ ।

X X X X

ଏତିକି ଗପ । ଗପଟାକୁ ଟେବୁଲ ଉପରେ ପକାଇ ଦେଇ ଯାଇଥିଲି ବାହାରକୁ ।

ଫେରିଲାବେଳକୁ ପ୍ରାୟ ସନ୍ଧ୍ୟା । ଆସି ଘରର ସୁଇଚ୍‌ଟାକୁ ଜଳାଇ ଦିଏତ କାଉଚ୍ ଉପରେ ହାତରେ ଗପଟାକୁ ଧରି ବସି ରହିଛି ସୁଜାତା । ସୁଜାତା ! ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଏକାବେଳକେ ! ଏଇ ସୁଜାତା, ଯେ ମୋ' ପାଖକୁ, ରାଗରେ ଆଉ ଘୃଣାରେ ଘରକୁ ଆସିବା ଦୂରେ ଥାଉ, ଚିଠି ମଧ୍ୟ ଦିଏ ନାହିଁ, ସେଇ ସୁଜାତା ପୁଣି ଏଠି-ପୁଣି ମୋର ଅନୁପସ୍ଥିତିରେ । ସୁଜାତା କୁହେ, "ଏଟା ତା' ର ଅଭିମାନ- ସେ ଦୂରରୁ ରହି ମତେ ଅନୁଭବ କରିବାକୁ ଚାହେଁ ।" - କିନ୍ତୁ କି କ୍ରୁର ଏ ଅଭିମାନ- କି ନିଷ୍ଠୁର ଏ ସଚେତନ ଅବହେଳା ! ଛାଡ଼ ।

ନିଜର ଭାବନାକୁ ଗୋପନ ରଖି ହଠାତ୍ ହସି କହିଲି-

"ଚା' ଖାଇବ ସୁଜାତା ?"

"ହଁ"

ଚା' ପିଆଲାରୁ ମୁହଁ ଫେରାଇ ସୁଜାତା କହିଲା- "ତା' ପରେ ଲେଖକ ! କେବେ ଆପଣଙ୍କର କୃଷ୍ଣସାର ଉଡ଼ି ଶିଖିବ ବା ଈଗଲ ଚାଲି ଶିଖିବ ?"

ମୁଁ କହିଲି- "ନା, ସେମାନେ ସେହିପରି ରହିଯିବେ ।"

ତୀର୍ଯ୍ୟକ୍ ଦୃଷ୍ଟି ଫେରାଇ ସୁଜାତା କହିଲା, "ଈଗଲର ମନୋବୃତ୍ତି ଆପଣ ଲକ୍ଷ୍ୟ କରିଛନ୍ତି ଏଇ କେତେ ଦିନ ଧରି ?"

ସଂକ୍ଷେପରେ କହିଲି, "ପ୍ରୟୋଜନ ନାହିଁ ।"

ତଥାପି କହୁଛି ମୁଁ - "ଈଗଲର ହିଂସ୍ର ପ୍ରବୃତ୍ତି ଅନେକଟା ମରି ଆସିଲାଣି ।" ମୁଁ ଅନେକ ସମୟ ନୀରବ ଥିଲି ।

ଖାଲି ଚା' କପ୍ ଥୋଇ ଦେଇ ସେ ଚାଲିଗଲା ବେଳକୁ କେବଳ କହିଲା, "ଅନ୍ୟାୟ ହବ ଲେଖକ ! ସେମାନେ ପରସ୍ପରକୁ ଏତେ ଭଲ ପାଉଥିଲେ- ତା' ର ଅନ୍ତତଃ ଗୋଟାଏ କିଛି ସମାଧାନ ଆପଣଙ୍କର କରିବା ଉଚିତ ।"

"ହୁଏତ ଦେବି" - ମୁଁ କହିଲି ।

ସୁଜାତା ଗଲାବେଳେ କେବଳ କହିଗଲା, "ଆଶାକରେ ସମାଧାନ କରିବେ ।"

X X X X

ପୁଣି ଗପଟାକୁ ବଢ଼ାଇବାକୁ ବସିଲି ।

ତା' ପରେ ଆଉ ପାରିଲା ନାହିଁ ଈଗଲ । ଶିକାର ପ୍ରବୃତ୍ତି ତା' ଭିତରେ ଚେଇଁ ଉଠିଲା ବାରମ୍ବାର । ତାକୁ ଯିବାକୁଇ ହେବ । ଦିନେ କୃଷ୍ଣସାରର ଅଜାଣତରେ ଈଗଲ ଯାଇଛି ଉଡ଼ି ।

କୃଷ୍ଣସାର ଉପରକୁ ଚାହିଁଲା । ଈଗଲ ପ୍ରାୟ ଅର୍ଦ୍ଧଆକାଶରେ । ତା' ର ମନେହେଲା ଯେପରି ଈଗଲା ଉଡ଼ି ଉଡ଼ି ତାକୁ ଉପହାସ କରି ଯାଉଛି- ହାଣିଦେଇ ଯାଉଛି ଶାଣିତ ବ୍ୟଙ୍ଗ-ବାରମ୍ବାର ସେହି ତିକ୍ତ ଶ୍ଳେଷ, "ତୁମେ ହାରିଗଲ କୃଷ୍ଣସାର, ତୁମେ ହାରିଗଲ, ମୁଁ କିନ୍ତୁ ଝଡ଼ର ଈଗଲ, ଝଡ଼ରେ ଯାଉଛି ମିଶି ।"

ତା' ପରେ ବିତିଗଲା ଅନେକ ଦିନ-

ଈଗଲ ମନେହୁଏ ଝଡ଼ରେ ଅନେକ ସମୟ ଯୁଦ୍ଧ କରି ଆନନ୍ଦ ପାଇଲା । ଆହୁରି ଅନେକ ନିରୀହ ମେଷଶିଶୁ ବୋଧହୁଏ ଶିକାର କଲା । ବେଳେବେଳେ କିଏ ଜାଣେ, ହୁଏତ ଈଗଲ ଭାବୁଥିବ- "ହାୟ କୃଷ୍ଣସାର-ତୁମକୁ ଯାହା ମୁଁ ଶିକାର ନ କରି ପାରିଲି ।"

ଈଗଲ ପୁଣି ଦିନେ କ୍ଳାନ୍ତ ହୋଇ ପଡ଼ିଲା- ଧରଣୀର ସବୁଜିମା ଯେପରି ତାକୁ ହାତ ଠାରି ଇସାରା କଲା- "ଝଡ଼ର ଈଗଲ- ଝଡ଼ ଭିତରେ ସବୁ ମିଳିପାରେ ନାହିଁ- ତୁମେ ଫେରିଆସ ।"

ଈଗଲ ଓହ୍ଲେଇଲା ଧରଣୀକୁ ।

କିନ୍ତୁ କୃଷ୍ଣସାର ସେତେବେଳକୁ ଯାଇଛି ମରି ।

ଈଗଲ ଦୁଃଖ କଲା, ନିଜକୁ କେତେ ଧିକ୍କାର କଲା । ଆପଣାର ଆତ୍ମଗ୍ଲାନିରେ ସେ କ୍ଷୀଣରୁ କ୍ଷୀଣତର ହେବାକୁ ଲାଗିଲା- ଖାଲି ବସି ବସି ଅଶ୍ରୁ ଗଡ଼ାଇଲା କୃଷ୍ଣସାରର ସମାଧି ଉପରେ ।

ସେଦିନ ମଧ୍ୟ ସେହିପରି ବିଳମ୍ବିତ ଚନ୍ଦ୍ରୋଦୟ-ନୀରବ କରୁଣ ଶିଶିର-ସିକ୍ତ ସଂଧ୍ୟା !

ଈଗଲ ଅତି ମନଯୋଗ ସହକାରେ ବସି ବସି ଭାବୁଛି ତାର କୃଷ୍ଣସାରକୁ । କେତେ ଭଲ ପାଉଥିଲା ତାକୁ ସେ । ତା' ର ମନେହେଲା ଯେପରି ସେହି ଅଶ୍ରୁରେ ତିଳେ ତିଳେ ଜୀବନ୍ତ ହୋଇ ଉଠୁଛି କୃଷ୍ଣସାର; କିନ୍ତୁ ହାୟ ! କୃଷ୍ଣସାର ଯାଇଛି ମରି । ଈଗଲ ସେହିଦିନ ପ୍ରଥମ କରି ଶୁଣିଲା ମାଟିର ବାଣୀ ଓ ଧରଣୀର ସଙ୍ଗୀତ-ଶେଷଥର ପାଇଁ ଅନୁଭବ କଲା କୃଷ୍ଣସାରର ନିବିଡ଼ ଚୁମ୍ବନ ।

କିନ୍ତୁ ଠିକ୍ ସେହି ମୁହୂର୍ତ୍ତରେ ଏକ ସୁନ୍ଦର ସୌଷ୍ଠବାନ୍ୱିତ କୃଷ୍ଣସାର ଆସ୍ତେ ଆସ୍ତେ ପାଲଟି ଯାଉଛି ଫସିଲ୍ ମାଟିର ନିଭୃତ ସ୍ତରରେ । ଦୀର୍ଘ, ଦୁର୍ବୋଧ୍ୟ ଦେବଦାରୁ ଚୂଡ଼ାରେ କ୍ଷୀଣ ବଙ୍କିମ ଶଶିରେଖା ଯେପରି ସ୍ଥିର ହୋଇଯାଇଛି ମୁହୂର୍ତ୍ତକ ପାଇଁ !

***